# କୃଷି ସୂଚନା ସେବା (ଧାନ)
# ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

## ୨୦୧୬ ମସିହା ଡିସେମ୍ବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

❖ ଶତକଡା ୮୦ ଭାଗ ଧାନ ପାଚିଗଲେ କାଟି ଦିଅନ୍ତୁ । ଏଥିରୁ ଭଲ ମୂଲ୍ୟ ପାଇବା ପାଇଁ ନ ମିଶାଇ ଅଲଗା ଅଲଗା କିସମ ଅଲଗା ବସ୍ତାରେ ରଖନ୍ତୁ ।

❖ ଧାନ କାଟି ବିଲରେ ଥିବା ସମୟରେ କେଣ୍ଡା କଟା ସାଁବାଳୁଆ ଦେଖା ଦେବାର ସମ୍ଭାବନା ଅଧିକ ଥାଏ । ସେଥିପାଇଁ ସାଁବାଳୁଆ ଦେଖାଦେଲେ ବିଲର ହିଡରେ ମାଲାଥିଅନ(୫%) ଗୁଣ୍ଡ ପ୍ରୟୋଗ କରନ୍ତୁ ।

❖ ଧାନ ଅମଳ ପରେ ସାଇତି ରଖିବା ପାଇଁ ଶତକଡ଼ା ୧୪ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ । ମାତ୍ର ବିହନ ପାଇଁ ରଖିବାକୁ ଥିଲେ ଶତକଡା ୧୨ ଭାଗ ଜଳୀୟ ଅଂଶ ଥିବା ପର୍ଯ୍ୟନ୍ତ ଶୁଖାଇ ରଖନ୍ତୁ । ସାଧାରଣ ଭାବରେ ଶତକଡା ୧୨ ରୁ ୧୪ ଭାଗ ପର୍ଯ୍ୟନ୍ତ ଜଳୀୟ ଅଂଶ ରହିବା ଆବଶ୍ୟକ ।

❖ ଜଳସେଚିତ ମଧ୍ଯମ କିସମ ଜମିରେ ଧାନ ଅମଳ ପରେ ଆଳୁ, ସୂର୍ଯ୍ୟମୂଖୀ, ଚିନାବାଦାମ, ଶୀତଦିନିଆ ମକା ପନିପରିବା ଇତ୍ୟାଦି ଚାଷ କରନ୍ତୁ ।

❖ ଧାନ ଅମଳ ପରେ ବିଲରେ ବତର ଦେଖି ମୁଗ, ବିରି(TARM-1, ସମ୍ରାଟ, OUM-1-5, PDM-54) ଇତ୍ୟାଦି ବୁଣାବୁଣି ସାରି ଦିଅନ୍ତୁ ।

❖ ବିହନ ନିଜ ପାଇଁ ବ୍ୟବହାର କରିବାର ଥିଲେ ଭଲ ଭାବରେ ପାକଳ ହୋଇଥିବା ସୁସ୍ଥ ଏବଂ ମିଶାମିଶି ନଥିବା ଧାନ ବିଲରୁ ବିହନ ପରବର୍ତ୍ତୀ ବର୍ଷ ବ୍ୟବହାର କରିବା ପାଇଁ ସଂଗ୍ରହ କରନ୍ତୁ ।

❖ ଡାଲୁଅ ଧାନ କରିବାର ଥିଲେ ଭଲ ଗୁଣାତ୍ମକ ମାନ ଥିବା କିସମର ବିହନ ବ୍ୟବହାର କରନ୍ତୁ । CR Dhan-601, IR-64, ଚନ୍ଦନ, ଲଲାଟ, ଉନ୍ନତ ଲଲାଟ, ନବୀନ, MTU-1010, ଲବଣାକ୍ତ ବିଲ ପାଇଁ ଲୁଣାସଂଖୀ ଇତ୍ୟାଦି ଡାଲୁଅ ଧାନ ହିସାବରେ ବ୍ୟବହାର କରନ୍ତୁ ।

❖ ଡାଲୁଅ ଧାନ ଚାଷ ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ ।

******